


# ଶ୍ରୀମନ୍ଦିର ସମାଚାର

SHREE JAGANNATH TEMPLE BULLETIN

ଅକ୍ଟୋବର-୨୦୧୯ (ଗର୍ଭଣା ସଂକ୍ରାନ୍ତି) OCTOBER - 2019


## ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା

ଭାରତରେ ଥିବା ୪ଗୋଟି ଧାମ ମଧ୍ୟରୁ 'ଶ୍ରୀଜଗନ୍ନାଥ ଧାମ' ସ୍ୱତନ୍ତ୍ର ଗୁରୁତ୍ୱ ବହନ କରିଥାଏ । ଶ୍ରୀମହାପ୍ରଭୁଙ୍କର ସେବାପୂଜା, ନୀତି, ଯାନି-ଯାତ୍ରା ଏବଂ ପର୍ବ ପର୍ବାଣୀ ଅନ୍ୟତ୍ର ବିରଳ । ଏଣୁ ସମଗ୍ର ବିଶ୍ୱରେ ଏହି କ୍ଷେତ୍ର ତଥା ପୀଠ ପ୍ରତି ଏକ ଅନନ୍ୟ ଆକର୍ଷଣ ରହିଛି । ପ୍ରତିନିତ୍ୟ ଶ୍ରୀମନ୍ଦିରରେ ବିରାଜିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିବା ପାଇଁ ବହୁ ସଂଖ୍ୟାରେ ଭକ୍ତ ଆଗମନ କରିଥାନ୍ତି । ଏଣୁ ଏହି କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶକୁ ପରିପୁଷ୍ଟ କରିବା ପାଇଁ 'ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ' ଆନୁକୂଲ୍ୟରେ ଗତ ତା.୧୩.୧୦.୧୯ରିଖ ରବିବାର କୁମାର ପୂର୍ଣ୍ଣିମା ଠାରୁ ଆରମ୍ଭ ହୋଇ ସାରିଛି 'ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା'କାର୍ଯ୍ୟକ୍ରମ । ପ୍ରତି ରବିବାର ପ୍ରାତଃ ୬ଘଣ୍ଟା ୩୦ମି.ରୁ ୮ଘଣ୍ଟା ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ 'ସିଂହଦ୍ୱାର ସମ୍ମୁଖ ଭାଗ'ରେ ଅନୁଷ୍ଠିତ ହେବ ।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ବିଗତ କିଛିଦିନ ପୂର୍ବେ ପୁରୀ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଆରମ୍ଭ କରାଯାଇଥିବା 'ପଥୋତ୍ସବ କାର୍ଯ୍ୟକ୍ରମ'ଟି 'ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ' ଆନୁକୂଲ୍ୟରେ 'ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ'ନାମରେ ନାମିତ ହୋଇ ନିୟମିତ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ଶ୍ରୀଜଗନ୍ନାଥ ସଂସ୍କୃତିର ବ୍ୟାପକ ପ୍ରଚାର, ପ୍ରସାର ଏବଂ ଶ୍ରୀକ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ଅକ୍ଷୁଣ୍ଣ ରଖିବା ପାଇଁ 'ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ' ଆୟୋଜନ କରାଯିବ । ଶ୍ରୀଜଗନ୍ନାଥ ମନ୍ଦିର ସମ୍ମୁଖରେ ଆୟୋଜିତ ଏହି କାର୍ଯ୍ୟକ୍ରମ' ଉପଭୋଗ କରୁଥିବା ଭକ୍ତ ସମୂହ ଶ୍ରୀଜଗନ୍ନାଥଙ୍କ ଲୀଳା ଓ ଶ୍ରୀକ୍ଷେତ୍ର ଐତିହ୍ୟ, ପରମ୍ପରା ସମ୍ପର୍କରେ ଏହାଦ୍ୱାରା ଅବଗତ ହୋଇପାରିବେ ।



ଉପରୋକ୍ତ ପ୍ରକାରେ ଗତ ତା.୧୩.୧୦.୧୯ରିଖ ରବିବାର ପ୍ରାତଃ ୬ଘଣ୍ଟା ୩୦ମି. ସମୟରେ ପ୍ରଥମେ ଶଙ୍ଖଧ୍ୱନି ହେବା ପରେ ଶ୍ରୀମନ୍ଦିର ପରିସରରେ ଥିବା ବେଦ ପାଠଶାଳାର ଶିକ୍ଷକ ଓ ଛାତ୍ରମାନେ ବେଦ ଆବୃତ୍ତି କରିଥିଲେ । ବେଦ ପାଠ ମଧ୍ୟରେ ସିଂହଦ୍ୱାର ଅରୁଣସ୍ତମ୍ଭ ଆଗରେ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପଣ୍ଡିତ ସୂର୍ଯ୍ୟନାରାୟଣ ରଥଶର୍ମା ଶ୍ରୀଜଗନ୍ନାଥାଷ୍ଟକମ୍ ମଞ୍ଚ ଉପରେ ଆବୃତ୍ତି କରିବା ସମୟରେ ସେଠାରେ ଉପସ୍ଥିତ ଭକ୍ତଗଣ ତାଙ୍କ ସହିତ କଣ୍ଠ ମିଶାଇ ଥିଲେ । ତତ୍‌ପରେ ନବ ପ୍ରତିଭା ଅନୁଷ୍ଠାନ ତରଫରୁ ଶ୍ରୀଗୀତ ଗୋବିନ୍ଦର କେତୋଟି ଲଳିତ କାନ୍ତ ପଦାବଳୀ ଅନୁସରଣରେ 'ଓଡିଶୀ ନୃତ୍ୟ' ପ୍ରଦର୍ଶନ କରିଥିଲେ । ଶ୍ରୀଜଗନ୍ନାଥ ଯୋଗ ବେଦାନ୍ତ କେନ୍ଦ୍ର, ପୁରୀ ତରଫରୁ ତାଙ୍କର ଶିକ୍ଷାନବିଶ୍‌ମାନେ ଯୋଗ ମାଧ୍ୟମରେ ନରସିଂହ ଅବତାର ଏବଂ ଆର୍ଟିଷ୍ଟିକ୍ ଯୋଗ ଶିବ ତାଣ୍ଡବ ପ୍ରଦର୍ଶନ କରିଥିଲେ । ଏହା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥିଲା । ଏହାପରେ ବାବା ସଚ୍ଚିଦାନନ୍ଦ ଦାସ ମହାରାଜ ଶ୍ରୀମଦ୍ ଭଗବଦ୍ ଗୀତାର ୭ଟି ଶ୍ଳୋକ ଆବୃତ୍ତି କରିବା ସହ ବ୍ୟାଖ୍ୟା ମଧ୍ୟ କରିଥିଲେ । ଏହାପରେ ସବୁଠାରୁ ଆକର୍ଷଣୀୟ କାର୍ଯ୍ୟକ୍ରମ ଥିଲା ସାମୂହିକ ପ୍ରାର୍ଥନା । ଡଃ. ନରେଶ ଚନ୍ଦ୍ର ଦାଶ ମଞ୍ଚ ଉପରେ 'ଆହେ ନୀଳ ଶଇଳ' ଭଜନ ଗାନ କରିବା ସମୟରେ ଶ୍ରୋତାମଣ୍ଡଳୀ ସମବେତ କଣ୍ଠରେ ଏହି ଭଜନଟି ବୋଲିଥିଲେ । ସମୂହ ପ୍ରାର୍ଥନା ପରିବେଶକୁ ମୁଖରିତ କରିଥିଲା । ତା'ପରେ ଶ୍ରୀ ରାଧାମୋହନ ବିଶୋଇ ଓ ତାଙ୍କ ଦଳ ଏବଂ ଡେଲାଙ୍ଗରୁ ଆସିଥିବା ସଂକୀର୍ତ୍ତନ ଦଳ ସଂକୀର୍ତ୍ତନ ଆରମ୍ଭ କରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ । ଶହ ଶହ ଭକ୍ତ ଏହି ପରିକ୍ରମାରେ ଅଂଶ ଗ୍ରହଣ କରିଥିଲେ ।

କାର୍ଯ୍ୟକ୍ରମ ସମୟରେ ପୁରୀ ଜିଲ୍ଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଶ୍ରୀଯୁକ୍ତ ବଳବନ୍ତ ସିଂ, ଶ୍ରୀମନ୍ଦିର ପ୍ରଶାସକ (ନୀତି) ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁ, ପୁରୀ ଉପଜିଲ୍ଲାପାଳ, ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଓ ଶ୍ରୀମନ୍ଦିରର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀଗଣ, ଡି.ସି.ଓ., ପୁରୀ ଉପସ୍ଥିତ ଥିଲେ । ମଞ୍ଚ ବ୍ୟତିତ ଅନ୍ୟ ଏକ ସ୍ଥାନରେ ରଙ୍ଗୋଲି, ଚିତ୍ରାଙ୍କନ ଓ ଦୀପସଜ୍ଜା ଅତ୍ୟନ୍ତ ଉପଭୋଗ୍ୟ ହୋଇଥିଲା । ଶ୍ରୀମନ୍ଦିର ପ୍ରଶାସନର ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମଟିକୁ ସମ୍ପୂର୍ଣ୍ଣ ଭାବେ ସଂଯୋଜନା କରିଥିଲେ, ଶ୍ରୀମନ୍ଦିର ପ୍ରଶାସନର ଲୋକ-ସମ୍ପର୍କ ଅଧିକାରୀ ଶ୍ରୀଯୁକ୍ତ ଲକ୍ଷ୍ମୀଧର ପୂଜାପଣ୍ଡା ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ଶ୍ରୀମନ୍ଦିର ଓ.ଏସ୍.ଡି. ଶ୍ରୀଯୁକ୍ତ ଶୁଭ୍ରାଂଶୁ ଶେଖର ପାଢ଼ୀ । ନିର୍ଦ୍ଧାରିତ ସମୟରେ ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମର ଶେଷ ହୋଇଥିଲା ।



# ଶ୍ରୀମନ୍ଦିର ନୀତି ପରିକ୍ରମା

**ଶ୍ରୀମନ୍ଦିରରେ ଦଶହରା :**

ତା. ୮.୧୦.୧୯ ରିଖ ମଙ୍ଗଳବାର ଆଶ୍ୱିନ ଶୁକ୍ଳ ଦଶମୀ ତିଥି ତଥା ପବିତ୍ର ଦଶହରା ଉପଲକ୍ଷେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ ଚନ୍ଦନ ଲାଗି ହୋଇଥିଲା । ପରେ ନୂଆ ଲୁଗା ଲାଗି ସହିତ ୩୨ ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବେଶ ବଢ଼ିଥିଲା । କର୍ପୂର ଲାଗି ପରେ ପାଳିଆ ପୁଷ୍ପାଳକମାନେ ୫ଖଣ୍ଡ ଆଜ୍ଞାମାଳ ଲାଗି କରି ସିଂହାସନରୁ ଓହ୍ଲାଇଥିଲେ । ପାଣି ପଡି ଗୋପାଳବଲ୍ଲଭ, ସକାଳ ଧୂପ ସରିଲା ପରେ ଭଣ୍ଡାର ଦୁଆର ଠାରେ ପୂଜାରେ ବସିଥିବା ଆୟୁଧମାନଙ୍କୁ ପୂଜାପଣ୍ଡା ମହାସ୍ନାନ କରାଇ ବରୁଣ ପୂଜା କରିଥିଲେ । ପରେ ୬ଜଣ ମେକାପ ରୂପା ଥାଳିରେ ଆୟୁଧମାନ ରଖି ଘଣ୍ଟ, ଛତା, କାହାଳୀ ପଟୁଆରରେ ତଳିଚ୍ଛ ଓ ପ୍ରଧାନୀ ହାତମୁଦ ମଧ୍ୟରେ ୩ ବେଢ଼ା ବୁଲି ଭିତର ସିଂହାସନ ଠାକୁ ବିଜେ କରାଇଥିଲେ । ପରେ ପାଳିଆ ପୁଷ୍ପାଳକମାନେ ତିନି ବାଡରେ ଆୟୁଧ ଲାଗି କରିଥିଲେ । ବଡ ବାଡରେ ହଳମୂଷଳ, ମଝି ବାଡରେ ତଡ଼ଗୀ, ମହାପ୍ରଭୁଙ୍କ ବାଡରେ ଶଙ୍ଖଚକ୍ର ଲାଗି ହୋଇଥିଲେ । ଏହା ମଧ୍ୟରେ ଦକ୍ଷିଣ ଘର ଠାରେ ମଦନମୋହନ, ରାମକୃଷ୍ଣ ବୀର ବେଶ ହୋଇଥିଲେ । ପରେ ଭିତରକୁ ମଦନମୋହନ, ରାମକୃଷ୍ଣ, ଦୁର୍ଗାମାଧବ ବିଜେ କରିଥିଲେ । ଏହାପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ତିନି ବାଡରେ ମଙ୍ଗଳାର୍ପଣ କରିବା ପରେ ପୂଜାପଣ୍ଡା ଆଜ୍ଞାମାଳ ଦେଇଥିଲେ । ଏହାପରେ ପାଲିଙ୍କିକୁ ରାମକୃଷ୍ଣ, ରଥକୁ ଦୁର୍ଗାମାଧବ ଏବଂ ବିମାନକୁ ମଦନମୋହନ ବିଜେ ହୋଇଥିଲେ । ସେଠାରୁ ବିରାଟ ପଟୁଆରରେ ପାଲିଙ୍କି, ରଥ, ବିମାନ ମହାଖଳାପଦା ଅଭିମୁଖେ (ଜଗନ୍ନାଥବଲ୍ଲଭ ମଠ) ଯାତ୍ରା କରିଥିଲେ । ମହାଖଳାପଦା ଠାରେ ମୁଦିରସ୍ତ ପ୍ରସାଦ ଲାଗି କଲା ପରେ ପୂଜାପଣ୍ଡା ଶୀତଳଭୋଗ, ବନ୍ଦାପନା କରିଥିଲେ ଓ ଏହାପରେ ବିଈଁମାନେ ବାହୁଡା ବିଜେ କରିଥିଲେ ।

**ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ରାଧାଦାମୋଦର ବେଶ ଏବଂ ବାଳଧୂପ ଆରମ୍ଭ :**

ତା. ୯.୧୦.୧୯ ରିଖ ବୁଧବାର ଦିନ ଆଶ୍ୱିନ ଶୁକ୍ଳ ଏକାଦଶୀ ଅବସରରେ ମଙ୍ଗଳଆଳତି, ଅବକାଶ ବଢ଼ିଲା ପରେ 'ରାଧା ଦାମୋଦର



ବେଶ' ଅନୁଷ୍ଠିତ ହୋଇଥିଲା । ପରେ ପାଣିପଡି ଗୋପାଳବଲ୍ଲଭ, ସକାଳଧୂପ ହୋଇଥିଲା । ସକାଳଧୂପ ପ୍ରସାଦ ବାହାରିଲା ପରେ ପାଣିପଡି ବାଳଧୂପ ଛେକ ଆସିଥିଲା । ପାଳିଆ ପୂଜାପଣ୍ଡାମାନେ ପଞ୍ଚୋପଚାରରେ 'ବାଳଧୂପ ପୂଜା' କରିଥିଲେ । ଭୋଗ ସରିଲା ପରେ ପୂଜାପଣ୍ଡା, ପତିମହାପାତ୍ର ଓ ମୁଦିରସ୍ତ ବନ୍ଦାପନା କରିଥିଲେ ।

**ଶ୍ରୀମନ୍ଦିରରେ କୁମାର ପୂର୍ଣ୍ଣିମା ଓ ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ :**

ତା. ୧୩.୧୦.୧୯ ରିଖ ରବିବାର ଦିନ ଆଶ୍ୱିନ ପୂର୍ଣ୍ଣମୀ ଅବସରରେ ପୂର୍ବ ପରମ୍ପରା ପ୍ରକାରେ ଶ୍ରୀମନ୍ଦିରରେ ବିଶେଷ ନୀତିମାନ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ଲକ୍ଷ୍ମୀ, ସରସ୍ୱତୀ ଖଟଶେଯ ଘରକୁ ବିଜେ ପରେ ଶ୍ରୀସୁଦର୍ଶନ ଦେବ ଆଜ୍ଞାମାଳ ପାଇ ଦଇତାପତିମାନଙ୍କ ଦ୍ୱାରା ଚଉଦୋଳକୁ ବିଜେ ହୋଇଥିଲେ । ସେଠାରେ ପାଟପଟନୀ ଲାଗି, ମାଳଚୂଳ ଲାଗି ପରେ ଚଉଦୋଳରେ ଘଣ୍ଟ, ଛତା, କାହାଳୀ ପଟୁଆରରେ ବଡଦାଣ୍ଡ ବାଟେ ରାଜାନଅର ଓ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଦେଇ ତିନି



ଆଶ୍ରମ ପରିକ୍ରମା କରି ପଶ୍ଚିମ ଦ୍ୱାର ନିକଟରେ ବିଜେ ହୋଇଥିଲେ । ସେଠାରେ ବନ୍ଦାପନା ହୋଇ ଭିତର ଜଗମୋହନକୁ ଆସିଲାପରେ ରୁନ୍ଧା ଫିଟା ଯାଇ ସିଂହାସନକୁ ବିଜେ କରାଯାଇଥିଲା । ପରେ ପାଣିପଡି ୪ ବାଡ ମହାସ୍ନାନ ମୈଲମ ବଢ଼ିଲା ପରେ ସର୍ବାଙ୍ଗ, ନୂଆଲୁଗା ଲାଗି ହୋଇ ବେଶ ବଢ଼ିଥିଲା । ପାଣିପଡି ଛେକ ଆସିଲାପରେ ୪ଜଣ ପୂଜାପଣ୍ଡା ୪ବାଡରେ ସଂଧ୍ୟାଧୂପ ପୂଜା ବସିଥିଲେ । ଭୋଗ ସରିଲାପରେ ମଦନମୋହନ ଆସି ଲକ୍ଷ୍ମୀଙ୍କ ସହିତ ଆଜ୍ଞାମାଳ ପାଇ ସାତପାହାଚ ଠାରେ ଥିବା ପାଲିଙ୍କିକୁ ବିଜେ ହୋଇଥିଲେ । ସେଠାରୁ ଲକ୍ଷ୍ମୀମନ୍ଦିର ଜଗମୋହନରେ ପଡ଼ିଥିବା ଖଟକୁ ଯିବାରେ ଲକ୍ଷ୍ମୀଙ୍କ ପ୍ରତିନିଧି ଭିତରଛ ଏବଂ ମହାପ୍ରଭୁଙ୍କର ପ୍ରତିନିଧି ମୁଦିରସ୍ତ ଉଭୟଙ୍କ ମଧ୍ୟରେ ହିଙ୍ଗୁଳ କଉଡି ୨୧, ରୂପା କଉଡି ୨୧ ପଶା, ଶକଟା ଖେଳମାନ ଖେଳିଥିଲେ । ପରେ ବାହୁଡି ମଦନମୋହନ ଦକ୍ଷିଣ ଘରକୁ ଓ ଲକ୍ଷ୍ମୀ ସିଂହାସନକୁ ଯିବାରେ ମୈଲମ, ଚନ୍ଦନ ଲାଗି, ନୂଆପଟନୀ ଲାଗି ସହ ୬ମୂର୍ତ୍ତି ଅଳଙ୍କାର ଲାଗି ହୋଇ ବଡସିଂହାର ବେଶ ହୋଇଥିଲା । ପାଣିପଡି ଭୋଗ ଆସିବା ପରେ ଫଳ ସାମଗ୍ରୀ ପନ୍ତୀ ହେବାରେ ପୂଜାପଣ୍ଡା, ମଣୋହି କରିଥିଲେ । ପରେ ୩ଜଣ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତ ଜୁଆ, ଶକଟା ସିଂହାସନ ତଳେ ଓ ଉପରେ ଖେଳିଥିଲେ । ଏଠାରେ ମହାପ୍ରଭୁ ହାରିବାରେ ମାଧବ ମହାଜନଙ୍କ ହାତରେ ଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇ ସେଠାରେ ୭ଦିନ ପାଇଁ ବନ୍ଧା ରହିଥିଲେ ।



ତା. ୨୯.୧୦.୧୯ରେ ଶ୍ରୀକ୍ଷେତ୍ରରେ ଗୁପ୍ତ ଗୁଣ୍ଡିଚା ଅବସରରେ ଦୋଳମଣ୍ଡପସାହିସ୍ଥ ନାରାୟଣୀ ମନ୍ଦିରରେ ଦୁର୍ଗାମାଧବ

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି'ରେ ମୁକ୍ତ ହସ୍ତରେ ଦାନ କରନ୍ତୁ । ଶ୍ରୀମନ୍ଦିର ପ୍ରଶାସନ, ପୁରୀ

# ଜଗନ୍ନାଥୈକପ୍ରାଣା ରାଜକୁମାରୀ ବିଷ୍ଣୁପ୍ରିୟା

ଦିଲ୍ଲୀ ନିକଟସ୍ଥ ଜୟନଗର ରାଜ୍ୟର ରାଜା ଜୟସିଂହ ସର୍ବଗୁଣରେ ପରିପୂର୍ଣ୍ଣ ଥିଲେ । ତାଙ୍କର ପତ୍ନୀ ଚନ୍ଦ୍ରାବତୀ ପତିପରାୟଣା ସତୀ, ସାଧ୍ୱୀ ଥିଲେ । ମାତାପିତାଙ୍କର ଅତ୍ୟନ୍ତ ପ୍ରିୟ ଦୁହିତା ଥିଲେ ବିଷ୍ଣୁପ୍ରିୟା । ସେ ଯେପରି ରୂପବତୀ, ଗୁଣବତୀ, ଭକ୍ତିମତୀ ସେହିପରି ଦାନଶୀଳା ଥିଲେ । ସେ ସଦା ଶାସ୍ତ୍ର ପୁରାଣ ସହ ଶ୍ରୀଜଗନ୍ନାଥଙ୍କ ଦିବ୍ୟ ଚରିତ ପ୍ରତ୍ୟହ ଭକ୍ତି ଭାବରେ ପାଠ କରୁଥିଲେ । ଶ୍ରୀମହାପ୍ରସାଦ ମହିମା, ବାରମାସର ତେର ଯାତ୍ରା, ଶ୍ରୀଜଗନ୍ନାଥଙ୍କ ବେଶବିନ୍ୟାସ ବିଷୟରେ ଜ୍ଞାତ ହୋଇ ଅତ୍ୟନ୍ତ ଆନନ୍ଦ ଲାଭ କରୁଥିଲେ ଏବଂ ଧ୍ୟାନରେ ଶ୍ରୀଜଗନ୍ନାଥଙ୍କୁ ଚିନ୍ତନ କରୁଥିଲେ । ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବାର ବଳବତୀ ଇଚ୍ଛା ତାଙ୍କ ମନରେ ଜାତ ହେଇଥିଲା । ଏକଦା ମହାପ୍ରଭୁଙ୍କ ପ୍ରମୁଖ ସେବକ ତଳିଚ୍ଛ ବନ୍ଧୁ ମହାପାତ୍ର ଧନ ପ୍ରାପ୍ତି ଆଶାରେ ପ୍ରଭୁଙ୍କ ସେବାରୁ ବିରତ ହୋଇ କିଛି ମହାପ୍ରସାଦ ନେଇ ଜୟ ନଗରରେ ପହଞ୍ଚିଲେ । ରାଜ୍ୟରେ ଦାନଶୀଳା ବିଷ୍ଣୁପ୍ରିୟାଙ୍କ ବହୁତ ପ୍ରଶଂସା ଶୁଣି ସେ ମହାପ୍ରଭୁଙ୍କ ନାମ ନେଇ ଖଣ୍ଡିଏ ପତ୍ର ଅତି ଯତ୍ନ ସହକାରେ ଲେଖି ସେଥିରେ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଧନ ଦେବା ପାଇଁ ଅନୁରୋଧ କରି ବିଷ୍ଣୁପ୍ରିୟାଙ୍କ ନିକଟକୁ ପ୍ରେରଣ କଲେ ।



ଉକ୍ତ ପତ୍ର ପାଠ କରି ବିଷ୍ଣୁପ୍ରିୟା ତାହାକୁ ହୃଦୟରେ ଲଗାଇ ଶ୍ରୀଜଗନ୍ନାଥଙ୍କ ଭାବରେ ବିଭୋର ହୋଇ ଧ୍ୟାନରେ ମହାପ୍ରଭୁଙ୍କ ଦର୍ଶନ କଲେ । ପୁନଃ ସେ ଚିନ୍ତା କଲେ ଯେଉଁ ପ୍ରଭୁଙ୍କ ପାଖରେ ଦେବୀ ଲକ୍ଷ୍ମୀ ଅଛନ୍ତି ତାଙ୍କୁ ଏପରି କେଉଁ ଜିନିଷ ଅଭାବ ଯେ ତାଙ୍କୁ ପ୍ରଦାନ କରିବେ । କେବଳ ଭକ୍ତମନ ମହାପ୍ରଭୁଙ୍କ ଠାରେ ନଥାଏ । ଭାବ ବିନୋଦିଆ ଠାକୁର ଭକ୍ତର ମନୋଭାବକୁ ଆପଣେଇ ଥାଆନ୍ତି । ସୁତରାଂ ପ୍ରଭୁଙ୍କ ନିକଟରେ ନିଜ ମନ ସମର୍ପିତ କରି ତାଙ୍କ ଉଦ୍ଦେଶ୍ୟରେ ଏକ ଶ୍ଳୋକ ସମ୍ବଳିତ ପତ୍ର ଲେଖିଲେ । ଯେଉଁଥିରେ ତାଙ୍କ ଶରୀର ଥିଲେ ସୁଦ୍ଧା ମନ ଅନ୍ତର୍ଯ୍ୟାମୀଙ୍କ ଠାରେ ନିବଦ୍ଧ ହେବା କଥା ବ୍ୟକ୍ତ କରିଥିଲେ । କୋଟି ପ୍ରଣାମ ପୂର୍ବକ ପ୍ରାର୍ଥନା କରିଥିଲେ ଯେ ତାଙ୍କ ମନ ଯେପରି ପ୍ରଭୁଙ୍କ ଠାରେ ରହିବ ଏହି ସୁଦୟା କରିବା ହେବେ । ସଖୀଙ୍କ ହାତରେ ଦଶଟି ସ୍ୱର୍ଣ୍ଣମୁଦ୍ରା ସହ ପତ୍ରଟି ତଳିଚ୍ଛ ମହାପାତ୍ରଙ୍କ ନିକଟକୁ ପଠାଇ ତାହାକୁ ମହାପ୍ରଭୁଙ୍କ ଛାମୁରେ ଅବଶ୍ୟ ଦେବାପାଇଁ ନିବେଦନ କରିଥିଲେ । ତଳିଚ୍ଛ ମହାପାତ୍ରଙ୍କ ମନ ଦଶଟି ସ୍ୱର୍ଣ୍ଣ ମୁଦ୍ରାରେ ସନ୍ତୁଷ୍ଟ ହେଲାନାହିଁ କାରଣ ସେ ଅଧିକ ଆଶା କରୁଥିଲେ । ସେ ପତ୍ରଟି ଖୋଲି ଦେଖିଲେ ଯେ ତା ଭିତରେ କିଛି ଧନ ନାହିଁ କେବଳ ଶ୍ଳୋକ ଲେଖା ଅଛି । ତେଣୁ ତାକୁ ତୁଚ୍ଛ ମନେ କରି ଫିଙ୍ଗି ଦେଲେ । ଅନ୍ତର୍ଯ୍ୟାମୀ ଭାବଗ୍ରାହୀ ଶ୍ରୀଜଗନ୍ନାଥ ବିଷ୍ଣୁପ୍ରିୟାଙ୍କ ମନୋଭାବ ଅବଗତ ହୋଇ ସେହି ପତ୍ରଟିକୁ ଶ୍ରୀହସ୍ତ ପ୍ରସାରିତ କରି ଅତି ଆଦରରେ ଅମୂଲ୍ୟ ରତ୍ନ ପରି ସଂଗ୍ରହ କରିନେଲେ । ଶ୍ରୀଜଗନ୍ନାଥ ସବୁବେଳେ ଭକ୍ତର ମର୍ମବାଣୀ, ଅନ୍ତର୍ବେଦନା କାନ ଡେରି ଶୁଣିଥାନ୍ତି । ସେ କିପରି ବିଷ୍ଣୁପ୍ରିୟାଙ୍କ ସମର୍ପିତ ଭକ୍ତି ଭାବନା ପ୍ରତି ଉଦାସୀନ, ନିଷ୍କ୍ରିୟ ରହି ପାରନ୍ତେ ? ଏଣେ ତଳିଚ୍ଛ ମହାପାତ୍ର କିଛିକାଳ ପରେ ବିଦେଶରୁ ଫେରି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ । ରାତ୍ରିରେ ମହାପ୍ରଭୁ ତଳିଚ୍ଛଙ୍କୁ ସ୍ୱପ୍ନରେ କହିଲେ ଯେ ସେ ଧନ ଲୋଭରେ ଯାଇ ଭକ୍ତମାନଙ୍କ ପାଖରୁ ନିଜ ପାଇଁ ଧନ ନେଇ ଆସିଲେ, କିନ୍ତୁ ବିଷ୍ଣୁପ୍ରିୟାଙ୍କ ପ୍ରଦତ୍ତ ପ୍ରଭୁଙ୍କ ଗଣ୍ଠିଧନକୁ ଫିଙ୍ଗି ଦେଲେ । ତାହାକୁ ମହାପ୍ରଭୁ ଆଣି ଗଳାରେ ବାନ୍ଧିଛନ୍ତି । ସୁନା ପଦକରେ ସେହି ତଥ୍ୟ ଲେଖାଇ ସୁନା ଶିକୁଳିରେ ପ୍ରଭୁଙ୍କ କଣ୍ଠରେ ତାହାକୁ ଲମ୍ବାଇଲେ ହିଁ ତଳିଚ୍ଛଙ୍କ ମଙ୍ଗଳ ହେବ ଅନ୍ୟଥା ଅନିଷ୍ଟ ଘଟିବ ବୋଲି ମହାପ୍ରଭୁ ତାଗିଦ୍ କରିଦେଲେ ।

ସ୍ୱପ୍ନାଦେଶ ପାଇ ତଳିଚ୍ଛ ମହାପାତ୍ରେ ପ୍ରଭାତରେ ଶ୍ରୀମନ୍ଦିରକୁ ଯାଇ ପ୍ରଭୁଙ୍କ ହୃଦରେ ଉକ୍ତ ପତ୍ରଟି ଦେଖି ବିସ୍ମିତ ହେଲେ । ଜଗନ୍ନାଥୈକ ପ୍ରାଣା ବିଷ୍ଣୁପ୍ରିୟାଙ୍କ ପ୍ରତି ମହାପ୍ରଭୁଙ୍କ ଅନୁରାଗ କଥା ଚିନ୍ତା କରି ନିଜ ଅପରାଧ କ୍ଷମା କରିବାପାଇଁ ସେ ପ୍ରାର୍ଥନା କଲେ । ପ୍ରଭୁଙ୍କ ଆଜ୍ଞା ଅନୁସାରେ ସୁନା ପଦକ ପ୍ରଭୁଙ୍କ ଶ୍ରୀକଣ୍ଠରେ ଲମ୍ବାଇ ସେ ଆଶ୍ୱସ୍ତ ହେଲେ ।

ମହାପ୍ରଭୁଙ୍କ ବିଷ୍ଣୁପ୍ରିୟାଙ୍କ ପ୍ରତି ଭକ୍ତି ବାତ୍ସଲ୍ୟ କାଳ କାଳକୁ ସ୍ମରଣୀୟ ରହିଲା ।

ଡ଼ଃ. ଶ୍ରୀନିବାସ ଆଚାର୍ଯ୍ୟ
● ମିଶ୍ର ଲେନ, ମାର୍କଣ୍ଡେଶ୍ୱର ସାହି, ପୁରୀ



ତା. ୧୩.୧୦.୧୯ରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଶ୍ରୀମନ୍ଦିର ପରିକ୍ରମା



ତା. ୧୩.୧୦.୧୯ରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ପ୍ରାୟୋଜିତ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ଯୋଗ ପ୍ରଦର୍ଶନ କରାଯାଉଛି

ପୂର୍ବ ପ୍ରକାଶିତ ଉତ୍ତାରୁ...

# ସ୍ୱତ୍ୱଲିପିରେ ଶ୍ରୀମନ୍ଦିର ନୀତି

## ଅନନ୍ତ ଚତୁଃର୍ଦ୍ଦଶୀ

### (୨୦) ଭାଦ୍ରବ ଶୁକ୍ଳ ଚତୁର୍ଦ୍ଦଶୀ

ଏହି ଦିନ ସନ୍ଧ୍ୟାଧୂପ ବଢ଼ିଲେ ଅନନ୍ତଙ୍କ ପାଶରେ (ମୁକ୍ତିମଣ୍ଡପ ନିକଟ) ପର୍ବ ଯାତ୍ରା ଯୋଗଣିଆ ଭୋଗ ମହାସ୍ନାନ ଜିନିଷ ଦେବ ଓ ପଣ୍ଡାଜଣେ ମହାସ୍ନାନ ବଢ଼ାଇ ଭୋଗ ସାରିବା ପରେ ଅନନ୍ତବ୍ରତ କଥା ପାଠ କଲା ଉତ୍ତାରେ ବନ୍ଦାପନା ହୁଅନ୍ତି।

### (୧୩) (ଢ଼) ଭାଦ୍ରବ ପୂର୍ଣ୍ଣମୀ

ଏ ଦିନ ସନ୍ଧ୍ୟା ଆଳତି ବେଶରେ ଆଜ୍ଞାମାଳ ଖଣ୍ଡିଏ ଲାଗି ହୋଇଥିବେ। ଦକ୍ଷିଣ ଘର ଭୋଗ ସରିବା ପରେ ଦୋଳଗୋବିନ୍ଦଙ୍କୁ ମହାଜନେ ହାତରେ ବିଜେ କରାଇ ନେଇ ଛାମୁ ଦିହୁଡ଼ି ଥାଇ ଭିତରେ ସିଂହାସନରେ ବିଜେ କରାଇବେ। ପଣ୍ଡା ଆଜ୍ଞାମାଳ ଦେବା ଉତ୍ତାରେ ମହାଜନେ ବିଜେ କରାଇ ଆଣି ବଟ ମୂଳେ ଥିବା ପାଲିଙ୍କିରେ ବିଜେ କରାଇବେ। ବିମାନବଡୁମାନେ ପାଲିଙ୍କି ସହ ଘଣ୍ଟ, ଛତା, କାହାଳୀ ସହ ସିଂହଦ୍ୱାର ଦେଇ ବଡ଼ଛତା ମଠ ପାଖକୁ ପାଲିଙ୍କି ସହ ବିଜେ କରାଇବେ। ଏଠାରେ ଶୀତଳ ଭୋଗ ବଢ଼ିଲା ଉତ୍ତାରେ ଭିତରଛ ଇନ୍ଦ୍ର, ଚନ୍ଦ୍ର, ଗୋବିନ୍ଦଙ୍କୁ ବନ୍ଦାପନା କରିବେ। ଏଦିନ ବାସେଳୀ ସାହିରୁ ଇନ୍ଦ୍ରହାତୀ (ହାତୀ ବେଶରେ ଜଣେ ଲୋକ) ଆସିଥିବ। ବନ୍ଦାପନା ପରେ ବଡ ଦେଉଳକୁ ବିଜେ କରନ୍ତି।

### ସହସ୍ରକୁମ୍ଭାଭିଷେକ
### ବିମଳାଙ୍କ ଷୋଡଶ ପୂଜାରମ୍ଭ

୧୬ଦିନ ଗଣତି ହୋଇ ଆଶ୍ୱିନ କୃଷ୍ଣ ସପ୍ତମୀ କିମ୍ବା ଅଷ୍ଟମୀ ଦିନଠାରୁ ଶ୍ରୀ ଶ୍ରୀ ବିମଳାଙ୍କ ପୂଜା ଆରମ୍ଭ ହୁଏ। ଏଦିନ ସକାଳ ଧୂପ ବଢ଼ିବା ଉତ୍ତାରେ ଭଣ୍ଡାରରୁ ଦୁର୍ଗା ଆଜ୍ଞା ମାଳ ପାଇ ପତି ମହାପାତ୍ର ହାତରେ ବିଜେ ହୋଇ ସୋମନାଥ ମଣ୍ଡପ ଖଟ ଉପରେ ବିଜେ ହୋଇବେ। ପଣ୍ଡା, ପତି ଓ ମୁଦିରସ୍ତ ଆଚାର୍ଯ୍ୟ ବ୍ରହ୍ମାବରଣ ହୋଇ ଦୁର୍ଗା ଦେବୀଙ୍କୁ ୧୦୦୦ ଗରାଜଳ (କୋଠ ଭୋଗ ପାଣିଆ ଦେବ) ଲାଗି କଲା ଉତ୍ତାରୁ ଶ୍ରୀଅଙ୍ଗ ପୋଛା ହୋଇ ଲୁଗା ଲାଗି ହୋଇ ବେଶ ହୋଇବେ। ଏହାଙ୍କଠାରେ ପାଣି ପଡି ଶୀତଳ ଭୋଗ ବଢ଼ାଯିବ। ମୁଦିରସ୍ତ ପ୍ରସାଦ ଲାଗି କରାଇବେ ଓ ପଞ୍ଚୋପଚାରରେ ପଣ୍ଡା ଭୋଗ କରିବେ। ଏ ଉତ୍ତାରେ ବନ୍ଦାପନା ହୋଇ ବାହୁଡା ବିଜେ ହୋଇ ଭଣ୍ଡାର ଦ୍ୱାରଠାରେ ବିଜେ ହେବେ। ଅବକାଶ ବଢ଼ିବା ବେଶରେ ୨ଖଣ୍ଡ ଆଜ୍ଞାମାଳ ଲାଗି ହୋଇଥିବେ। ପଣ୍ଡା ଆସି ଶ୍ରୀବାଳପୁରୁଷୋତ୍ତମ ଦେବଙ୍କୁ ଆଜ୍ଞାମାଳ ଦେଇ ଭଣ୍ଡାର ଦ୍ୱାର ଠାରେ କୋଠ ସୁଆଁସିଆଁ ଦେଇଥିବା ଭଦ୍ରାସନରେ ଦୁର୍ଗା ଦେବୀଙ୍କ ସହ ଏକତ୍ର ରୁନ୍ଧାକରି ପରେ ଭିତରକୁ ବିଜେ କରି ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଜୟ-ବିଜୟ ଦ୍ୱାର ଦେଇ ଝୁଲଣ ମଣ୍ଡପଠାରେ ଥିବା ପାଲିଙ୍କିରେ ବିଜେ କରିବେ।

ଏଥିପୂର୍ବରୁ ବିମଳାଙ୍କଠାରେ ସହସ୍ରକୁମ୍ଭ ପୂଜା ସରିଥିବ। ପ୍ରଥମ ପୂଜା ନିମନ୍ତେ ସକାଳ ଧୂପ ବଢ଼ିବା ଉତ୍ତାରେ ବିମଳା ଦେଉଳରେ ପରୀକ୍ଷାମାନେ ପରିକରଣମାନେ ହୁକୁମମାନ ପାଠ କରିବେ। ବ୍ରହ୍ମା ବରଣ ନିମନ୍ତେ ବରୁଣ ପୂଜା ହେବ। ଆଚାର୍ଯ୍ୟ ବରଣ, ବ୍ରହ୍ମା ବରଣ ଓ ସ୍ୱସ୍ତି ବାଚନ ହୋଇବ। ଚଣ୍ଡୀ ବରଣ ହୋଇବେ। ସଂକଳ୍ପ ହେବ। ଶ୍ରୀଠାକୁରାଣୀଙ୍କ ଛାମୁରେ ପାଣି ପଡି ପାହାଡ଼ା ପଡି ଭୋଗ ବଢ଼ାହେବ। ପାଳିଆ ସେବକ ପୂଜା ଠା କରିବେ। ପ୍ରଧାନୀ ପୂଜକଙ୍କୁ ଡକାଇ ପୂଜାରେ ବସାଇ ହାଜର ରହିଥିବ। ଭୋଗ ଶୋଡଷ ଉପଚାରରେ ହେବ। କୋଠ ଭୋଗ, ମହାପ୍ରସାଦ ପିଷ୍ଟକମାନ ଥାଳି ଖେଚେଡି ପୂଜା ବିୟଳୀ ମଣୋହିରେ ବଢ଼ା ହେବ। ଏ ଭୋଗ ସମୟରେ ଘଣ୍ଟା, ଛତା, କାହାଳୀ ବାଜୁଥିବ ଓ ପରୀକ୍ଷା ପଟୁଆର, ନାଟ, ଖଟଣିମାନ ହେଉଥିବ। ଏ ପୂଜା ବଢ଼ି ଧୂପ ଦୀପ ଦେଇ ଟେରା ପଡିବା ଉତ୍ତାରେ ଭିତରେ ଆଚାର୍ଯ୍ୟ ସମର୍ପଣ କରି ପାଣି ଛଡାଇବେ। ଟେରା ଫିଟି କର୍ପୂର ଆଳତୀ-୨୧-ବତୀ ବନ୍ଦାପନା ହେବ। ଏହାପରେ ଠାକୁର ଠାକୁରାଣୀ ବିମଳାଙ୍କ



ମନ୍ଦିର ଖଟ ଉପରେ ବିଜେ କରିବେ। ତା ପୂର୍ବରୁ ଭିତରଛ ମହାପାତ୍ର ରୂପା ପିଙ୍ଗଣରେ କର୍ପୂର ଜଳ ଲାଗି କରାଇବେ। ଏଠାରେ ପାଣି ପଡି ଶୀତଳ ଭୋଗ ମଣୋହି ହୋଇ ବନ୍ଦାପନା ହେବ। ଏହିପରି ତିନି ଧୂପ ବିମଳା ଠାକୁରାଣୀଙ୍କଠାରେ ବଢ଼ିବା ପରେ ଭିତରେ ରାତ୍ରୁ ଚନ୍ଦନ ଲାଗି ଉତ୍ତାରୁ ବିମାନବଡୁ ବିମାନରେ ନେଲେ ମହାଜନେ ଭଣ୍ଡାରରେ ବିଜେ କରାଇବେ। ଏପରି ୧୬ଦିନ ରୁନ୍ଧା ରହିବ। ଦଶହରାକୁ ଫେରିଲେ ଫିଟିବ।

ଏହିପରି ପ୍ରଥମ ୮ଦିନ ବିମଳାଙ୍କ ମନ୍ଦିରକୁ ବିଜେ କରିବେ ଓ ଏହି ୮ଦିନ ବିମଳାଙ୍କ ମନ୍ଦିରରେ ଉପରୋକ୍ତ ମତେ ନୀତି ହେବ। ୯ମ ଦିନ ରୁନ୍ଧା ମୂର୍ତ୍ତି ରଥରେ ବସି ଦୋଳମଣ୍ଡପ ସାହି ନାରାୟଣୀଙ୍କ ମନ୍ଦିରଠାକୁ ବିଜେ ହେବେ। ଏଠାରେ କର୍ପୂର ଜଳ ଲାଗି ବଢ଼ିବା ଉତ୍ତାରେ ଭିତରେ ଖଟ ଉପରେ ବିଜେ କରିବେ। ଭୋଗ ବନ୍ଦାପନା ହୋଇବ। ରାତ୍ରୁ ଚନ୍ଦନ ଲାଗି ବଢ଼ିବା ପରେ ବିମାନବଡୁ ପାଲିଙ୍କିରେ ବିଜେ କରାଇ ଭଣ୍ଡାର ଦୁଆରେ ବିଜେ କରାଇବେ। ଏହି ନୀତି ଦଶହରା ପର୍ଯ୍ୟନ୍ତ ହୋଇବ। ଆଶ୍ୱିନ ଶୁକ୍ଳ ସପ୍ତମୀ ପର୍ଯ୍ୟନ୍ତ ବିମଳାଙ୍କର ଶଙ୍ଖୁଡି ଭୋଗ ହୁଏ ନାହିଁ। ସପ୍ତମୀ, ଅଷ୍ଟମୀ ଓ ନବମୀ ଶଙ୍ଖୁଡି ଭୋଗ ହୋଇ ନିଶାର୍ଦ୍ଧ ପୂଜା ହୁଏ। ଏହି ତିନି ଦିନ ପ୍ରତ୍ୟେକ ରାତ୍ର ୩ଟା ଛେଦ ପଡେ। ଭିତରେ ବଡ ସିଂହାର ସରି ପହୁଡ ହେବାପରେ ଛେଦ ଓ ଭୋଗ ପଶ୍ଚିମ ଦ୍ୱାରବାଟେ ଯା ଆସ ହୁଏ। ମାଛ ରନ୍ଧା ହୁଏ। ବିମଳାଙ୍କ କୂଅ ପାଖେ ରୋଷ ଘର ତିଆରି ହୁଏ। ଛେଦ ବିମଳାଙ୍କ କୂଅ ପାଶରେ ପଡି ପୂଜକ ଠାକୁରାଣୀଙ୍କ ନିକଟକୁ ରକ୍ତ ଶରାରେ ନିଏ। ମାନସିକ କରିବା ଲୋକଙ୍କ ଛେଦ, ପେଜ ନଳା ପାଖେ ବାହାରେ କାକୁଡି ଖାଇଙ୍କ ନିକଟରେ ପଡେ। ପ୍ରତ୍ୟହ ଶଙ୍ଖୁଡି ଧୂପ ପାଣି ପଡିବା ପରେ ମନ୍ଦିରଠାରେ ପଶ୍ଚିମ ଦ୍ୱାର ପର୍ଯ୍ୟନ୍ତ ଚୂନ ପାଣି ପଡି ଧୁଆ ହୁଏ। ଯେଉଁଦିନ ନିଶାର୍ଦ୍ଧକୁ ସପ୍ତମୀ ପାଇବ, ସେହିଦିନ ଶଙ୍ଖୁଡି ଭୋଗ ଆରମ୍ଭ ହୁଏ। ଲୋକଙ୍କ ଇଚ୍ଛାନୁଯାୟୀ ସନ୍ଧ୍ୟା ଧୂପରେ ବିମଳାଙ୍କର ବିଭିନ୍ନ ଦେବୀ ବେଶ ହୁଏ।

ବିମଳାଙ୍କ ୧୬ଦିନ ପୂଜା ଭିତରେ କୌଣସି ସ୍ତ୍ରୀ ଲୋକ ବିମଳାଙ୍କ ମନ୍ଦିର ଭିତରକୁ ଯାଇ ପାରିବେ ନାହିଁ। ଗୁରୁବାରେ ଏକାନ୍ତ ନୀତି ହେବ ନାହିଁ। ପୂଜା ୪ଦିନ (ଚାରୀ ପୂଜାରେ) ଭଣ୍ଡାର ଘରେ ଆୟୁଧମାନଙ୍କ ପୂଜା ବସେ। ପର୍ବଯାତ୍ରା ଯୋଗାଣିଆ ଦେଇଥିବା ଭୋଗ ଭଣ୍ଡାର ମେକାପ ଭୋଗ କରେ।

ଜାଣିବା କଥା ...

## ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିର ଶବ୍ଦାବଳୀରେ 'ଉଆ'ର ଉପଯୋଗୀତା କ'ଣ ?

ଉ - ଉଆର ଅର୍ଥ- ଅରୁଆ ଚାଉଳ, ତଣ୍ଡୁଳ, ଧାନ ସିଦ୍ଧ ନହୋଇ କୁଟା ହେବା ଚାଉଳ। ଶ୍ରୀମନ୍ଦିରରେ ପ୍ରସ୍ତୁତ ହେଉଥିବା ଶଙ୍ଖୁଡି ଭୋଗ (ପ୍ରସାଦ) ନିମନ୍ତେ ସୁଦ୍ଧ ଅରୁଆ ଚାଉଳ ବ୍ୟବହାର ହୋଇଥାଏ।

୨. ପ୍ର - ଶ୍ରୀମନ୍ଦିର ପୂଜା-ପାର୍ବଣରେ 'ଉଗ୍ରସେନ'ଙ୍କ ଭୂମିକା କ'ଣ ?

ଉ - ଉଗ୍ରସେନ ହେଉଛନ୍ତି ମଥୁରାର ରାଜା। କଂସର ପିତା। ଏହାଙ୍କର ଅନ୍ୟନାମ ଚିତ୍ରସେନ, ଋଷି କଣ୍ୱ ପର୍ବଙ୍କ ଔରସରୁ ଜାତ ପୁତ୍ର। ନନ୍ଦ ବଂଶର ପ୍ରତିଷ୍ଠାତା। ଶ୍ରୀମନ୍ଦିରରେ ଭାଦ୍ର କୃଷ୍ଣ ପକ୍ଷ ଅଷ୍ଟମୀ (ଶ୍ରୀକୃଷ୍ଣ ଜନ୍ମଦିନ) ଦିନ କୃଷ୍ଣ ଜନ୍ମ ପରେ ଜଣେ ସେବକ ଉଗ୍ରସେନ ବେଶ ହୋଇଥାନ୍ତି।

୩. ପ୍ର - ଶ୍ରୀକ୍ଷେତ୍ରର 'ଉଆଁସ ଦାଣ୍ଡ' କହିଲେ କେଉଁ ସ୍ଥାନକୁ ବୁଝାଏ ?

ଉ - ଶ୍ରୀକ୍ଷେତ୍ରର 'ବାଲି ସାହି'କୁ ଉଆଁସ ଦାଣ୍ଡ କୁହାଯାଏ।

୪. ପ୍ର- ଶ୍ରୀ ମନ୍ଦିରର ପୂଜା-ପରମ୍ପରାରେ 'ଉଗ୍ରସେନ ପଣା'ର ଗୁରୁତ୍ୱ କ'ଣ ?

ଉ- ଶ୍ରୀମନ୍ଦିରରେ ରାମ ନବମୀ ଠାରୁ ଆରମ୍ଭ ସାହି ଯାତରେ ରାବଣ ବଧ ଉପାଖ୍ୟାନ ଉପସ୍ଥାପନ ବେଳେ ରାବଣ ମୃତ୍ୟୁ ପୂର୍ବରୁ ପିଉଥିବା ପଣା ମାର୍କଣ୍ଡେଶ୍ୱର ସାହିର ଆରାଧ୍ୟ ଦେବୀ ମା' ଭଗବତୀଙ୍କୁ ସମର୍ପଣ ହୋଇଥିବା ଏହି ପଣା ପିଇବା ପରେ ରାବଣ ଶକ୍ତିହୀନ ହୋଇଯାଏ।

୫. ପ୍ର- ଶ୍ରୀମନ୍ଦିର ପରମ୍ପରାରେ 'ଉଞ୍ଛିବା' ଶବ୍ଦର ମାନେ କ'ଣ ?

ଉ- ଅର୍ଥ- ଲୁଗା କୁଞ୍ଚ ସଜାଡିବା, ସଜ୍ଜିତ କରିବା, ଭୁଞ୍ଚିବା। ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଅଭିଷେକ ସମୟରେ ଲୁଗା ବଦଳାଇବା ସମୟରେ ଲୁଗା ସଜାଡିବା ଓ କୁଞ୍ଚ କରିବାରେ ଏହାର ବାରମ୍ବାର ବ୍ୟବହାର ହୋଇଥାଏ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

ଯୁଗେ ଯୁଗେ ରଥଯାତ୍ରା .....

## ୧୯୧୩ ମସିହା ପୁରୀ ରଥଯାତ୍ରା

(ଭାଗ-୪୮-ସଂଖ୍ୟା ୨୯ - ତା. ୧୯ ରିଖ, ଜୁଲାଇ)

ହେରାପଞ୍ଚମୀ ପରଦିନ ଗୁରୁବାରଠାରୁ ତିନି ଦିନରେ ତିନି ରଥର ଦକ୍ଷିଣମୂର୍ତ୍ତି ଶେଷ ହୋଇଥିଲା । ଅନ୍ୟାନ୍ୟ ବର୍ଷପରି ଏ ବର୍ଷ ମଧ ସନ୍ଧ୍ୟା ଦର୍ଶନ ଶୁକ୍ର ଓ ଶନିବାର ଦୁଇଦିନ ପ୍ରତିପାଳିତ ହୋଇଥିଲା । ଗୁଣ୍ଡିଚା ମଣ୍ଡପରେ ଯଥାବିଧି ଏକ ସପ୍ତାହ ଅବସ୍ଥାନ ଓ ପୂର୍ଣ୍ଣ ଅନ୍ନଭୋଗ ପରେ ତା୧୩ରିଖ ରବିବାର ପୂର୍ବାହ୍ନ ଘ୮ଣ୍ଟା ସମୟେ ଠାକୁରମାନେ ବାହୁଡା ବିଜୟ କରି ପ୍ରାୟ ଘ୧୧ଣ୍ଟା ବେଳେ ରଥାରୂଢ଼ ହେଲେ ଏବଂ ଅଳ୍ପକ୍ଷଣ ପରେ ଦଉଡ଼ି ଲାଗି ତିନି ରଥ ଏକତ୍ରେ ଆଗପଛ ହୋଇ ଟଣା ହେଲେ । ଦୁଇରଥ ସିଂହଦ୍ୱାରରେ ଲାଗିଲା ପରେ ଶ୍ରୀଜଗନ୍ନାଥ ଦେବଙ୍କ ରଥ ରାଜବାଟୀ ସମ୍ମୁଖରେ ଉପସ୍ଥିତ ହୁଅନ୍ତେ ସେଠାରେ ଲକ୍ଷ୍ମୀନାରାୟଣ ଭେଟ ହୋଇ ଅପରାହ୍ନ ଘ୫ଘଣ୍ଟା ସମୟେ ସିଂହଦ୍ୱାରସ୍ଥ ହେଲେ । ଏ ଦିନ ୩୦/୪୦ ହଜାର ଯାତ୍ରୀ ହୋଇଥିଲେ ଏବଂ ଅଧିକାଂଶ ଦେଶୀୟ ଯାତ୍ରୀ ଆସିଥିଲେ । ଏ ଦିନ ରାତ୍ର ଓ ପରଦିନ ଏକାଦଶୀରେ ଶ୍ରୀଜୀଉଙ୍କର ନିର୍ଦ୍ଦିଷ୍ଟ ଅଧରପଣା ଏବଂ ଅନେକ ବାଳେ ଭୋଗ ଲାଗିଥିଲା । ଏକାଦଶୀ ଦିନ ତିନି ରଥ ସିଂହଦ୍ୱାରରେ ବିଶ୍ରାମ କରିଥିଲେ । ତା.୧୫ରିଖ ମଙ୍ଗଳବାର ଅପରାହ୍ନ ଘ୪ଣ୍ଟା ସମୟେ ପହଣ୍ଡି ବିଜୟ କରି ଘ୯ଣ୍ଟା ମଧରେ ଠାକୁରମାନେ ଶ୍ରୀନୀଳାଚଳ ରତ୍ନ ସିଂହାସନାଧିଷ୍ଠିତ ହେଲେ ।

## ୧୯୧୪ ମସିହା ପୁରୀ ରଥଯାତ୍ରା

(ଭାଗ-୪୯-ସଂଖ୍ୟା ୨୬ - ତା. ୨୭ ରିଖ, ଜୁନ୍)

ଗତ ସୋମବାର ରାତ୍ର ଶେଷକୁ ଅନବସର ଟାଟି ଫିଟି ନବଯୌବନ ଦର୍ଶନ ଆରମ୍ଭ ହେଲା । ଅନ୍ୟାନ୍ୟ ବର୍ଷ ପରି ସିଂହଦ୍ୱାର ସମ୍ମୁଖରେ କାଠ ବାଡ଼ ଏବଂ ମନ୍ଦିର ଭିତରେ ଅର୍ଗଳୀର ବ୍ୟବସ୍ଥା ହୋଇ ଯାତ୍ରୀମାନଙ୍କୁ ସେଥି ମଧରେ ରଖି ଦର୍ଶନ ସକାଶେ ଏକ ୨ ଦଳ ଭିତରକୁ ଛାଡିବା ନିୟମ ହୋଇଥିଲା । ବାହାରେ ସରକାରୀ ପୁଲୀଶ ଏବଂ ମନ୍ଦିର ମଧରେ ମନ୍ଦିର ପୁଲୀଶ ଶାନ୍ତି ରକ୍ଷାରେ ନିଯୁକ୍ତ ଥିଲେ । ଯାତ୍ରୀମାନେ ସୁବିଧାରେ ନବଯୌବନ ଦର୍ଶନ କରିଥିଲେ । ପରଦିନ ମଙ୍ଗଳବାର ଦିବା ଘ୧୧ଣ୍ଟା ଠାରେ ସାହାଣମେଲା ଦର୍ଶନ ବନ୍ଦ ହୋଇ ଶ୍ରୀଜିଉଙ୍କର ମହାସ୍ନାନ ଓ ନେତ୍ରୋତ୍ସବାଦି ବିଧି ଅନୁଷ୍ଠିତ ହୋଇଥିଲା । ବୁଧବାର ଉଭାଯାତ୍ରା ଦିନ ସକାଳଧୂପ ପରେ ତିନି ରଥକୁ ଆଜ୍ଞାମାଳ ଆସିଥିଲା । ଏଥି ପୂର୍ବରୁ କେତେଦିନ ବର୍ଷା ଯୋଗୁଁ ରଥ ନିର୍ମାଣ କାର୍ଯ୍ୟରେ କିଞ୍ଚିତ୍ ବିଳମ୍ବ ଘଟିଥିଲା; କିନ୍ତୁ ଶେଷକୁ କାରିଗରମାନେ ଦିନରାତି ଲାଗି କାମ ଶେଷ କରିଥିଲେ । ଯଥାପୂର୍ବ ରଥତ୍ରୟ ସୁଗଠିତ, ସୁଚିତ୍ରିତ ବସନ ଭୂଷଣାଦିରେ ସୁସଜ୍ଜିତ ହୋଇଥିଲା । ଉକ୍ତ ଦିବସ ଅପରାହ୍ନ ଘ୨ଣ୍ଟା ସମୟେ ବର୍ଷା ଛାଡ଼ି ଥିବା ଅବସରରେ ଦଉଡ଼ିଲାଗି ରଥଟଣା ଆରମ୍ଭ ହେଲା ଏବଂ ଘ୩ଣ୍ଟା ଠାରେ ତିନି ରଥ ସିଂହଦ୍ୱାରରେ ଲାଗିଲେ । ଶ୍ରୀ ଚୈତନ୍ୟଦେବ ପୁରୀରେ ଅବସ୍ଥାନ ସମୟେ ଶ୍ରୀଗୁଣ୍ଡିଚା ପୂର୍ବଦିନ ସ୍ୱଦଳବଳ ସହିତ ସଂକୀର୍ତ୍ତନ କରି ଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣ ମାର୍ଜ୍ଜିତ ଓ ପରିଷ୍କୃତ କରିଥିଲେ । ସେହି ସମୟରୁ ପ୍ରତିବର୍ଷ ନିର୍ଦ୍ଦିଷ୍ଟ ଦିବସରେ ଗୌଡ଼ୀୟ ବୈଷ୍ଣବ ସମ୍ପ୍ରଦାୟ ଦ୍ୱାରା ଉକ୍ତ କାର୍ଯ୍ୟ ସମଧା ହୋଇଥାଏ । ଏ ବର୍ଷ ମଧ ବୁଧବାର ଦିନ ବଙ୍ଗୀୟ ଓ ସ୍ଥାନୀୟ ବୈଷ୍ଣବମଣ୍ଡଳୀ ଏକତ୍ରେ ସଂକୀର୍ତ୍ତନାଦି ସମାରୋହ ସହକାରେ ଶ୍ରୀଗୁଣ୍ଡିଚ ମନ୍ଦିର ମାର୍ଜ୍ଜନା କରିଥିଲେ।

ତା.୨୫ରିଖ ଗୁରୁବାର ଶ୍ରୀଗୁଣ୍ଡିଚା ଦିନ ରଥ ପ୍ରତିଷ୍ଠା ଓ ଖେଚୃଡ଼ୀ ଭୋଗ ପରେ ପୂର୍ବାହ୍ନ ଘ୮ଣ୍ଟା ଠାରେ ପହଣ୍ଡି ବିଜେ କରି ଠାକୁରମାନେ ଘ୧୦ଘଣ୍ଟା ସମୟେ ରଥାରୂଢ଼ ହେଲେ । ଉରମାର ଫିଟି ସାରଥୀ ସ୍ଥାପନାନ୍ତେ ପ୍ରାୟ ଘ୧୨ଘଣ୍ଟା ଠାରେ ସରକାରୀ ପୁଲୀଶ ମୁତଏନ ଥାଇ ଯଥାକ୍ରମେ ତିନି ରଥ ଟଣା ହେଲା । ପହଣ୍ଡି ଓ ରଥଟଣା ସମୟେ ମେଘଛାଡ଼ି ଖରାପାଗ ହେବାରୁ ଯାତ୍ରୀମାନେ ଆନନ୍ଦରେ ପହଣ୍ଡି ଦେଖି ରଥଟଣାରେ ଯୋଗ ଦେଇଥିଲେ, ସନ୍ଧ୍ୟା ପୂର୍ବରୁ ତିନିରଥ ଗୁଣ୍ଡିଚା ମନ୍ଦିର ନିକଟରେ ଲାଗିଲେ ।

ଶ୍ରୀଗୁଣ୍ଡିଚା ତିନି ଚାରି ଦିନ ପୂର୍ବରୁ ଅତିରିକ୍ତ ଟ୍ରେନ୍ ଆସିଥିଲା । ବଙ୍ଗାଳୀ ଯାତ୍ରୀ ସଂଖ୍ୟା ଦିନ ୨ ବୃଦ୍ଧି ହୋଇଥିଲେ । ଏ ଦିନ ମୋଟ ଯାତ୍ରୀ ସଂଖ୍ୟା ୫୦/୬୦ ହଜାର ହୋଇଥିଲା । ଅଧିକାଂଶ ବଙ୍ଗାଳୀ ଓ ସାମାନ୍ୟ ପଶ୍ଚିମା ଯାତ୍ରୀ ଆସିଥିଲେ । ଗତ ରବିବାର ଠାରୁ ଲଗାଣ ଝଡୀ ବର୍ଷା ଆରମ୍ଭ ହୋଇ ଶ୍ରୀଗୁଣ୍ଡିଚା ଦିନ ପର୍ଯ୍ୟନ୍ତ ରହିଥିଲା । ମାତ୍ର ସମୟେ ୨ ମେଘ ଛାଡ଼ି ଖରା ହେଉଥିଲେ ହେଁ ପରକ୍ଷଣରେ ପୁନରାଏ ବୃଷ୍ଟିପାତ ହେଉଥିଲା । ଯାତ୍ରିମାନେ ତିନ୍ତି ବୁଡି ଦର୍ଶନାଦି କରିଥିଲେ । ଉଠା ଦୋକାନୀମାନଙ୍କର କଷ୍ଟର ସୀମା ନଥିଲା । ମନ୍ଦିରରେ ଗରମ ଅନ୍ନ ମହାପ୍ରସାଦରେ ବର୍ଷା ପାଣି ପଡ଼ି ପଖାଳ ହୋଇଥିଲା । ଦାଣ୍ଡ ରାସ୍ତା ପାଣି ଓ କାଦୁଅମୟ ହୋଇଥିଲା । ସୁଖର ବିଷୟ ଏ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟର କୌଣସି ବ୍ୟତିକ୍ରମ ଘଟିନାହିଁ । ବିଶେଷତଃ ଏ ବର୍ଷ ମାଛିମାନଙ୍କର ଉତ୍ପାତ ଉଣାଥିବା ସଂକ୍ରାମକ ରୋଗ ନିବାରଣ ପକ୍ଷେ ସୁଲକ୍ଷଣ ଅଟେ ।


ଯଥେଷ୍ଟ ଘର ପାଣ୍ ହୋଇଥିବାରୁ ଘରଭଡ଼ା ଅତିରିକ୍ତ ବଢ଼ି ନଥିଲା । ସାଧାରଣ କଚାଘର ଭଡ଼ା ଜଣ ପ୍ରତି ଏକଟଙ୍କା ବା ଦେଢ଼ ଟଙ୍କା ଏବଂ ପକ୍କାଘର ଦୁଇ ଟଙ୍କାରେ ମିଳିଥିଲା । ଉଣା ଭଡାଦେଖି ଅନେକ ଯାତ୍ରୀ ନରଖି ଘର ଖାଲି ରଖିଥିଲେ । ଧର୍ମଶାଳା ଓ ଟିଣ ଘର ପ୍ରଭୃତିରେ ଅନେକ ଯାତ୍ରୀ ଆଶ୍ରୟ ନେଇଥିଲେ। ବର୍ଷା ଯୋଗୁଁ ଖୋଲା ଜାଗାରେ ଇତସ୍ତତଃ ପଡ଼ି ନ ପାରି କେତେକ ଗରିବ ଯାତ୍ରୀ ଭଡ଼ା ଘରେ ରହିବାକୁ ବାଧ ହୋଇଥିଲେ । ମିଉନିସିପାଲଟି ତରଫରୁ ଅତିରିକ୍ତ ଠିକା ମେହେନ୍ତରମାନେ ସମସ୍ତ ଦିନ ରାସ୍ତା ସଫାଇ କାର୍ଯ୍ୟରେ ନିଯୁକ୍ତଥିଲେ । ଶ୍ରୀଜୀଉଙ୍କର ପହଣ୍ଡି ଓ ରଥାରୋହଣ ଦର୍ଶନ ପରେ ରଥ ଟାଣି କେତେକ ଯାତ୍ରୀ ରେଳ ଷ୍ଟେସନ ଅଭିମୁଖେ ଗମାନା ହେଲେ ।

## ୧୯୧୫ ମସିହା ପୁରୀ ରଥଯାତ୍ରା

(ଭାଗ-୫୦-ସଂଖ୍ୟା ୨୯ - ତା. ୧୬ ରିଖ, ଜୁଲାଇ)

ଗତ ତା. ୧୧ ରିଖ ରବିବାର ଶେଷ ରାତ୍ରରେ ଶ୍ରୀଜିଉଙ୍କର ଅନବସର ଟାଟି ଫିଟି ପରଦିନ ସୋମବାର ନବଯୌବନ ଦର୍ଶନ ଆରମ୍ଭ ହେଲା । ଦର୍ଶନର ସୁବିଧା ସକାଶେ ଅନ୍ୟାନ୍ୟ ବର୍ଷପରି ସିଂହଦ୍ୱାର ସମ୍ମୁଖରେ ପଟାବାଡ଼ ଏବଂ ମନ୍ଦିର ବେଢ଼ା ମଧରେ କାଠ ଘେରା ଦଳେ ୨ ଯାତ୍ରୀ ଭିତରକୁ ଯାଇ ଫେରିବା ପରେ ଅନ୍ୟାନ୍ୟ ଯାତ୍ରୀ କ୍ରମଶଃ ଦର୍ଶନ କରିଥିଲେ । ଦିନ ଘ୧୦ଣ୍ଟା ପର୍ଯ୍ୟନ୍ତ ଦର୍ଶନ ହୋଇଥିଲା । ନେତ୍ରୋତ୍ସବାଦି ବିଧି ପରେ ସକାଳଧୂପ ହୋଇଥିଲା । ଏ ବର୍ଷ ସୋମ ଓ ମଙ୍ଗଳବାର ଦୁଇଦିନ ଉଭାଯାତ୍ରା ହୋଇଥିଲା । ଶେଷୋକ୍ତ ଦିନ ସକାଳ ଧୂପ ପରେ ତିନିରଥକୁ ଆଜ୍ଞାମାଳ ଆସିଥିଲା ଓ ଅପରାହ୍ନକୁ ରଥଟଣା ହୋଇ ତିନିରଥ ସିଂହଦ୍ୱାରକୁ ଆସିଲା । ସ୍ଥାନୀୟ ପୁଲିସ ଛଡ଼ା ସୁଦୂର ପାଟନା, ଗୟା, ଭାଗଲପୁର ଓ ମୁଙ୍ଗେର ପ୍ରଭୃତି ଜିଲ୍ଲାମାନଙ୍କରୁ ପୁଲିସ ଆସିଥିଲେ । କେତେକ ଠିକା କନଷ୍ଟବଳଙ୍କୁ ମଧ ନିଯୁକ୍ତି ହୋଇଥିଲେ ।

ତା.୧୪ରିଖ ବୁଧବାର ଶ୍ରୀଗୁଣ୍ଡିଚ ଦିନ ପୂର୍ବାହ୍ନ ଘ୮ଣ୍ଟା ସମୟେ ଶ୍ରୀଜିଉଙ୍କର ଖେଚୃଡ଼ୀ ଭୋଗ ଶେଷ ପରେ ପହଣ୍ଡି ବିଜେ ଠାକୁରମାନେ ଘ୧୦ଣ୍ଟା ବେଳେ ରଥାରୂଢ଼ ହୁଅନ୍ତେ ଉର ଫିଟି ସାରଥି ସ୍ଥାପନ ଓ ଅଶ୍ୱଯୋଜନ ପରେ ମଧାହ୍ନ ପ୍ରାୟ ଘ୧୨ଣ୍ଟାରେ ହାକିମ ଓ ପୁଲିସ ଉପସ୍ଥିତ ଥାଇ ତିନି ରଥରେ ଦଉଡ଼ା ଲାଗି ଏକ ରଥ ପରେ ଅନ୍ୟ ରଥ ଟଣା ହୋଇଥିଲା । ଏ ସମୟର ଦୃଶ୍ୟ ବର୍ଣ୍ଣନାତୀତ ଥିଲା । ମନ୍ଦିର, ସ୍ନାନବେଦୀ, ବଡ଼ଦାଣ୍ଡ, ପକ୍କାଘର ଓ ପିଣ୍ଡା ସର୍ବତ୍ର ନରମୁଣ୍ଡ



ମାଳ ପରିଦୃଷ୍ଟ ହେଉଥିଲା । ହରି ଧ୍ୱନି ଓ ଜୟଶବ୍ଦରେ ଗଗନ ମେଦିନୀ ବିକମ୍ପିତ ହେଉଥିଲା । ରଥଟଣା ସମୟ ପ୍ରଚଣ୍ଡ ମାର୍ତ୍ତଣ୍ଡ ତାପରେ ଶୁଷ୍କ କଣ୍ଠ ପିପାସାତୁର ଯାତ୍ରୀ ବୃନ୍ଦଙ୍କୁ ସତ୍ୟବାଦୀ ସ୍କୁଲର ସ୍ୱେଚ୍ଛାସେବକ ଶିକ୍ଷକ ଓ ଛାତ୍ରବର୍ଗ ଅକ୍ଳାନ୍ତ ପରିଶ୍ରମ ପୂର୍ବକ ସ୍ଥାନେ ୨ ପ୍ରଚୁର ଶୀତଳ ଜଳ ଦାନ କରି ଅକ୍ଷୟପୁଣ୍ୟାର୍ଜ୍ଜନ କରିଥିଲେ । ଅପରାହ୍ନ ଘ୬ଣ୍ଟା ମଧରେ ତିନିରଥ ଗୁଣ୍ଡିଚ ମନ୍ଦିର ନିକଟରେ ଉପସ୍ଥିତ ହେଲେ । ପରଦିନ ତା୧୫ରିଖ ଗୁରୁବାର ଅପରାହ୍ନ ପ୍ରାୟ ଘ୪ଣ୍ଟା ସମୟେ ପହଣ୍ଡି ବିଜୟ କରି ଠାକୁରମାନେ ଗୁଣ୍ଡିଚ ମନ୍ଦିର ସିଂହାସନାରୋହଣ କଲେ । ଶ୍ରୀଗୁଣ୍ଡିଚ ଆଠ ଦିନ ପୂର୍ବରୁ ଯାତ୍ରୀ ସମାଗମ ଆରମ୍ଭ ହୋଇ ଏବଂ ଚାରି ପାଞ୍ଚ ଦିନ ଯାତ୍ରୀପୂର୍ଣ୍ଣ ସ୍ପେଶାଲ୍ ଟ୍ରେନ ଘନ ୨ ଆସିଥିଲା । ଶ୍ରୀଗୁଣ୍ଡିଚ ଦିନ ଆନୁମାନିକ ୪୦/୫୦ ହଜାର ଯାତ୍ରୀ ହୋଇଥିଲେ । ଏଥି ମଧରେ ଅଧିକାଂଶ ବଙ୍ଗାଳୀ ।

ଯାତ୍ରୀ ବୃଦ୍ଧି ଯୋଗେ ଲଜିଂ ହାଉସ ଘରଭଡ଼ା ଜଣପ୍ରତି ଦୁଇ ତିନି ଟଙ୍କାରୁ ୬/୭ ଟଙ୍କାକୁ ଉଠିଥିଲା । ସମସ୍ତ ଧର୍ମଶାଳା ଓ ମିଉନିସିପାଲଟୀ ଟିଣଘର ଯାତ୍ରୀପୂର୍ଣ୍ଣ ହୋଇଥିଲା । କେବଳ ଅନେକ ଓଡ଼ିଆ ଯାତ୍ରୀ ବଡ଼ ଅସୁବିଧା ଭୋଗ କରିଥିଲେ । ସେମାନେ ଜଣପ୍ରତି ଦୁଇ ତିନିଟଙ୍କା ଭଡ଼ା ଦେବାକୁ ଅପାରଗ ହୋଇ ବସା ନ କରି ଇତସ୍ତତଃ ପଡ଼ି ରହିଥିଲେ । ସୁଖର ବିଷୟ ବର୍ଷା ନଥିବାରୁ ସେମାନଙ୍କର ଓ ଉଠା ଦୋକାନୀମାନଙ୍କର କୌଣସି କଷ୍ଟ ହୋଇ ନଥିଲା । ସ୍ୱାସ୍ଥ୍ୟ ଏ ପର୍ଯ୍ୟନ୍ତ ଭଲ ଅଛି । ଅଧିକାଂଶ ଯାତ୍ରୀ ନିର୍ବିଘ୍ନେ ସ୍ୱଦେଶ ଯାତ୍ରା କରିଅଛନ୍ତି । ରେଳ ଅପେକ୍ଷାରେ ଅନେକ ଯାତ୍ରୀ ଷ୍ଟେସନରେ ପଡ଼ି ରହିଅଛନ୍ତି । ରେଲ କର୍ତ୍ତୃପକ୍ଷ ଯଥାସାଧ୍ୟ ସ୍ପେଶାଲ ଟ୍ରେନ୍‌ର ବ୍ୟବସ୍ଥା କରିଅଛନ୍ତି । ଗତ ତା. ୧୨ରିଖ ରାତ୍ର ସାମାନ୍ୟ ଓ ତା୧୫ରିଖ ସକାଳେ ଏକ ଅଶ୍ରା ଭଲ ବୃଷ୍ଟି ହୋଇଥିଲା । ମିଉନିସିପାଲଟୀର ସୁବ୍ୟବସ୍ଥାଯୋଗରୁ ପରିଷ୍କାର ଅଛି । ସୁଖର ବିଷୟ ଏ ବର୍ଷ ରଥଯାତ୍ରାରେ ମାଛି ଉପଦ୍ରବ ପ୍ରାୟ ନାହିଁ ।

# ଫଟୋରେ ଅନ୍ୟାନ୍ୟ...



ତା. ୩.୧୦.୧୯ରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍.ଆଇ.ଏ.)ର ମହାନିର୍ଦ୍ଦେଶକ
ଶ୍ରୀଯୁକ୍ତ ଯୋଗେଶ ଚନ୍ଦ୍ର ମୋଦି ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଛନ୍ତି





ତା. ୧୦.୧୦.୧୯ରେ ନେପାଳ ପଶୁପତିନାଥ ମନ୍ଦିର ଟ୍ରଷ୍ଟ ବୋର୍ଡ଼ର ମୁଖ୍ୟ ପ୍ରଶାସକ ଡ. ପ୍ରଦୀପ ଢ଼କାଲ ପ୍ରଶାସକ (ନୀତି)
ଶ୍ରୀଯୁକ୍ତ ଜିତେନ୍ଦ୍ର କୁମାର ସାହୁଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରିବା ସହିତ ତାଙ୍କୁ ମହାପ୍ରଭୁଙ୍କ ପ୍ରସାଦ ପ୍ରଦାନ କରୁଛନ୍ତି



ତା. ୪.୧୦.୧୯ରେ ଶ୍ରୀମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ଠାରେ ମୁଖ୍ୟ ପ୍ରଶାସକ
ଡ଼ଃ. କ୍ରିଷନ କୁମାରଙ୍କ ଅଧ୍ୟକ୍ଷତାରେ ଆହୂତ 'ଛତିଶା ନିଯୋଗ' ବୈଠକ

# ଚିତ୍ରେ ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା














ତା. ୧୩.୧୦.୧୯ରେ ଅନୁଷ୍ଠିତ 'ଶ୍ରୀପୁରୁଷୋତ୍ତମ ପ୍ରାର୍ଥନା'
କାର୍ଯ୍ୟକ୍ରମର କେତୋଟି ବିଶେଷ ମୁହୂର୍ତ୍ତ

# ବିଡ଼ିଆ ପାନ ତିନୋଟି ଦେଇପାରିବ ?

ଶ୍ରୀଜଗନ୍ନାଥ ମହାପ୍ରଭୁ ହେଉଛନ୍ତି ଦେବାଧିରାଜ । ଭକ୍ତମାନେ ବିଶ୍ୱାସ Ke« ôତାଙ୍କ ଠାରୁ ବଳି ବଡ ଦେବତା ତିନି ଭୁବନରେ ଆଉ କେହି ନାହାନ୍ତି । ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଅମଳରୁ ଏ ଯାବତ୍ ମହାପ୍ରଭୁଙ୍କୁ ରାଜକୀୟ ଢ଼ଙ୍ଗରେ ପୂଜା ଉପାସନା କରାଯାଉଛି । ସବୁଠାରୁ ବଡ ଦେଉଳର ରତ୍ନ ସିଂହାସନରେ ସେ ପୂଜା ପାଉଛନ୍ତି । ତାଙ୍କ ଭୋଗ ଥାଳି ହେଉଛି ସୁନାଥାଳି । ସେ ପହୁଡୁଥିବା ପଲଙ୍କ ରତ୍ନପଲଙ୍କ । ତାଙ୍କ ରଥ ନନ୍ଦିଘୋଷ ରଥ । ସପ୍ତାହର ସାତବାରରେ ସାତରଙ୍ଗର ପାଟ ପିନ୍ଧନ୍ତି । ବଡସିଂହାର ବେଶରେ ଗୀତଗୋବିନ୍ଦ ଖଣ୍ଡୁଆ ତାଙ୍କର ପହରଣ । ବିଶେଷ ପାର୍ବଣରେ ନାନା ପ୍ରକାର ରତ୍ନ ଅଳଙ୍କାର ଲାଗି ହୁଅନ୍ତି । ଏସବୁ ବାଦେ ମହାପ୍ରଭୁ ହେଉଛନ୍ତି ବଡଖିଆ ଠାକୁର । ପ୍ରତିଦିନ ତିନିଧୂପ, ପାଞ୍ଚ ଅବକାଶ ହୁଏ । ଗୋପାଳବଲ୍ଲଭ ଠାରୁ ଆରମ୍ଭ କରି ସକାଳର ରାଜଭୋଗ, ଦ୍ୱିପ୍ରହର ଧୂପ, ସନ୍ଧ୍ୟାଧୂପ, ବଡସିଂହାର ଭୋଗ ନାଁ ଶୁଣୁ ଶୁଣୁ ଭକ୍ତମାନଙ୍କ ପେଟ ପୂରିଯାଏ । ସେମାନେ କହନ୍ତି ଆମ ଦିଅଁ ବଡଖିଆ । ତାଙ୍କ ପାଖରେ ନିତିଦିନ ଷାଠିଏ ପଉଟି ଅନ୍ନ ବ୍ୟଞ୍ଜନ ଭୋଗ ଲାଗେ । ସେ ପୁଣି ଛପନ ଭୋଗୀ । ପିଠା, ମିଠା, ଖିରି, ଖେଚେଡି ଛପନ ପ୍ରକାର ନହେଲେ ସେ ମଣୋହି କରିବେ ନାହିଁ । ମହାପ୍ରଭୁଙ୍କୁ ମଣୋହି କରାଉଥିବା ଏବଂ ଭୋଗ ଲଗାଉଥିବା ସେବକମାନେ ଏହି କଥା ରାଜ୍ୟ ବାହାରୁ ଆସିଥିବା ଯାତ୍ରୀମାନଙ୍କୁ ବାହାସ୍ଫୋଟ ମାରି ବଖାଣି ଥାଆନ୍ତି । ଥରେ ଜଣେ ଶେଠ୍‌ଜୀ ଆସି ମହାପ୍ରଭୁଙ୍କୁ ଭୋଗ ଲଗାଇବାକୁ ଇଚ୍ଛା ପ୍ରକାଶ କଲେ । ସେ ତ ନିଜେ ଡାଲି, ଚାଉଳ, ଗୁଡ, ଘିଅ, ନଡିଆ, ପରିବା, କାଠ ଇତ୍ୟାଦି ଆଣି ଯୋଗାଇ ପାରିବେ ନାହିଁ । ପଚାରିଲେ, ଗୋଟିଏ ଦିନର ଭୋଗ ଦିଅଁଙ୍କ ପାଇଁ କେତେ ଟଙ୍କା ଖର୍ଚ୍ଚ ହୁଏ ? ମୋତେ ସଠିକ୍ ଭାବେ ଜଣାଇଦେଲେ ମୁଁ ଖର୍ଚ୍ଚ ହେଉଥିବା ଟଙ୍କା ଦେବାକୁ ପ୍ରସ୍ତୁତ ଅଛି । ପ୍ରିୟ ପାଠକ ! ଆମ ଦିଅଁଙ୍କ ମହିମା ଦେବଙ୍କୁ ଅଗୋଚର । ଛାର ମନୁଷ୍ୟ ହୋଇ ତାଙ୍କର ସବୁକଥା ଆମେ ଜାଣିଯିବା କେବେ ସମ୍ଭବ ନୁହେଁ । ଶେଠଜୀ ଧନ ମଦରେ ମତ୍ତ ହୋଇ ଦିଅଁଙ୍କର ଖର୍ଚ୍ଚ ତୁଳାଇବାକୁ ଯେଉଁ ଇଚ୍ଛା ପ୍ରକାଶ କଲେ, ସେଥିରେ ତାଙ୍କର ଗର୍ବର ଗନ୍ଧ ବାରି ହୋଇ ପଡୁଥିଲା । ଅନ୍ତର୍ଯ୍ୟାମୀ ମହାପ୍ରଭୁ ଏ କଥା ଜାଣି ପାରିଲେ । ବଡପଣ୍ଡାଙ୍କୁ ରାତ୍ରିରେ ସ୍ୱପ୍ନାଦେଶ ହେଲା- ଶେଠ୍‌ଜୀଙ୍କୁ କହ ! ଆମ୍ଭ ଭାଇ-ଭଉଣୀ ତିନିଜଣଙ୍କୁ ତିନି ଖଣ୍ଡ ବିଡିଆ ପାନ ଭୋଗ ଲଗାଇ ଦେବେ । ପିପିଲି ପାନ ବରଜର ନିଖୁଣ ଗୋଟା ବଡପାନ ତିନୋଟି ଆଣିବେ । ତା'ଦେହରେ 'ଗଜମୁକ୍ତା ଭସ୍ମ' ଚୂନ କରି ବୋଳିଦେବେ । ସୁପାରି ଲବଙ୍ଗ ଅଳେଇଚ ଦେଇ ପାନ ଖିଲ ଭଙ୍ଗା ହେବ । ବାସ୍, ସେଇଥିରେ ଆମେ ସନ୍ତୁଷ୍ଟ । ଅନ୍ୟ ଭୋଗରାଗ କରିବା ଦରକାର ନାହିଁ । ତା ପରଦିନ ଧର୍ମଶାଳାରେ ରହୁଥିବା ଶେଠ୍‌ଜୀଙ୍କୁ ଏ ଖବର ଜଣାଇଦେଲେ ବଡପଣ୍ଡା । ଶେଠ୍‌ଜୀ ପଚାରିଲେ ଗଜମୁକ୍ତା ହାତୀ ମୁଣ୍ଡରେ ଥାଏ । ଗୋଟିଏ ହାତୀ ମାରିଲେ ତା ମୁଣ୍ଡରୁ ଗୋଟିଏ ମୁକ୍ତା ବାହାରିପାରେ ନ ବାହାରିପାରେ । କାରଣ ସବୁ ହାତୀଙ୍କ ମୁଣ୍ଡରେ ମୁକ୍ତା ନ ଥାଏ । ତେବେ ହାତୀ ମାରି ତିନିଗୋଟି ମୁକ୍ତା ପାଇବା ଏବଂ ତହିଁରୁ ଭସ୍ମ ପ୍ରସ୍ତୁତ କରି ତାକୁ ବିଡିଆ ପାନରେ ଚୂନ କରି ଲଗାଇବା, ଏ ତ ବଡ ଅସମ୍ଭବ କଥା ! ମହାପ୍ରଭୁଙ୍କୁ ତିନିଖଣ୍ଡ ପାନ ଦେବା ଏତେ ସହଜ କଥା ନୁହେଁ । କୌତୁକିଆ ପୁରୀ ଭାଷାରେ ଶେଠ୍‌ଜୀଙ୍କୁ ଲକ୍ଷ୍ୟ କରି ବଡପଣ୍ଡା ପ୍ରଶ୍ନ କଲେ ମହାପ୍ରଭୁ କହିଛନ୍ତି, ''ବିଡିଆ ପାନ ତିନୋଟି ଦେଇପାରିବ ?'' ଯଦି ଏତିକି ଦେଇପାରିବନି ତେବେ ଗୋଟିଏ ଦିନର ଭୋଗ ଦେବାପାଇଁ ସାହସ କରୁଛ କିପରି ?




ଶଂକର୍ଷଣ ମଂଗରାଜ

● (ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ) ମଙ୍ଗଳାଘାଟ ରୋଡ଼, ପୁରୀ-୧


## ତୁଳା (ଗର୍ଭଣା) ସଂକ୍ରାନ୍ତି ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧୮.୧୦.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଗର୍ଭଣା ସଂକ୍ରାନ୍ତି |
| ତା. ୨୪.୧୦.୧୯ ରିଖ ଗୁରୁବାର | ଶ୍ରୀମନ୍ଦିରରେ ରମା ଏକାଦଶୀ |
| ତା. ୨୮.୧୦.୧୯ ରିଖ ସୋମବାର | ଶ୍ରୀମନ୍ଦିରରେ ଦୀପାବଳୀ ଅମାବାସ୍ୟା |
| ତା. ୦୫.୧୧.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଅଁଳା ନବମୀ |
| ତା. ୦୮.୧୧.୧୯ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଶ୍ରୀହରି ଉତ୍ଥାପନ ଓ ଶ୍ରୀବିଗ୍ରହଙ୍କ ଲକ୍ଷ୍ମୀନାରାୟଣ ବେଶ |
| ତା. ୦୯.୧୧.୧୯ ରିଖ ଶନିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ବାଙ୍କଚୂଡ ବେଶ |
| ତା. ୧୦.୧୧.୧୯ ରିଖ ରବିବାର | ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ତ୍ରିବିକ୍ରମ ବେଶ |
| ତା. ୧୧.୧୧.୧୯ ରିଖ ସୋମବାର | ଶ୍ରୀମନ୍ଦିରରେ ଲକ୍ଷ୍ମୀ ନୃସିଂହ ବେଶ |
| ତା. ୧୨.୧୧.୧୯ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ କାର୍ତ୍ତିକ ପୂର୍ଣ୍ଣିମା ଓ ଶ୍ରୀବିଗ୍ରହଙ୍କ ରାଜାଧିରାଜ (ସୁନା) ବେଶ |


**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : Jagannath.or@nic.in * Web Site : www.shreejagannatha.in**

**Printed at : Rama Press, North Gate, Puri, Ph. : 222145**

ମୂଲ୍ୟ : ଦୁଇଟଙ୍କା ମାତ୍ର